# ଯୁକ୍ତ ୩ରେ ପାସ୍‌ହାର ୮୦.୬୯ ପ୍ରତିଶତ



ଅନୁଗୋଳ,୨୦।୬

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଚଳିତବର୍ଷ କଲେଜରେ ପାସ୍ ହାର ୮୦.୬୯ ରହିଛି। ବିଜ୍ଞାନ ବିଭାଗରେ ପଦାର୍ଥ ବିଜ୍ଞାନ ଛାତ୍ର ଆରୟନ ସଂକେତ ସାହୁ ମୋଟ ୨୪୫୪ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି।

ମହାବିଦ୍ୟାଳୟ ଅଧକ୍ଷଙ୍କ ସୂଚନା ଅନୁସାରେ, ଚଳିତବର୍ଷ କଲେଜର ୬୭୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୨୫ ଜଣ ପାସ କରିଥିବା ବେଳେ ୧୪୬ ଫେଲ୍ ହୋଇଛନ୍ତି। ୧୮ ଛାତ୍ରୀଛାତ୍ର ଟପ୍ପର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ବିଭାଗୀୟ

### ଆରିୟନ ସଂକେତ ସାହୁ ଶ୍ରେଷ୍ଠ ସ୍ନାତକ

ଶ୍ରେଷ୍ଠ ଟପ୍ପର ଅଛନ୍ତି। ବିଜ୍ଞାନ ବିଭାଗରେ ଫିଜିକ୍ସ ଅନର୍ସ ଛାତ୍ର ଆରୟନ ସଂକେତ ସାହୁ ମୋଟ ୨୬୦୦ ନମ୍ବରରୁ ୨୪୫୪ ରଖି ଟପ୍ପର ହୋଇଛନ୍ତି। କଳା ବିଭାଗରେ ରାଜନୀତି ବିଜ୍ଞାନ ଅନର୍ସ ଛାତ୍ରୀ ନମିତା ପ୍ରଧାନ ୨୧୬୨ ଓ ବାଣିଜ୍ୟ ବିଭାଗ ଅନର୍ସ ଛାତ୍ରୀ ନିଶା ୨୧୮୭ ନମ୍ବର ରଖି ବିଭାଗୀୟ ଶ୍ରେଷ୍ଠ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ଉଦ୍ଭିଦ ବିଜ୍ଞାନରେ ଶ୍ରଦ୍ଧାଶ୍ରୀ ପ୍ରତାପ ସିଂ, ରସାୟନ ବିଭଗରେ ରତ୍ନ ମଞ୍ଜରୀ ବିଶ୍ୱାଳ, ଗଣିତରେ କ୍ରିତି କରିନା ସାହୁ, ପ୍ରାଣୀବିଜ୍ଞାନରେ ନିକିତା ପ୍ରିୟଦର୍ଶିନୀ ଶ୍ରେଷ୍ଠ ହୋଇଛନ୍ତି। ଅର୍ଥନୀତିରେ ସୀମରାନ ରାଉତ, ଏଜୁକେଶନରେ ଶିବାନୀ ସାହୁ, ଇଂରାଜୀରେ ଜ୍ୟୋତିର୍ମୟୀ ସାହୁ, ଭୂଗୋଳରେ ଉର୍ମିଳା ବିଶ୍ୱାଳ, ଇତିହାସରେ ଶୁଭ୍ରରତ୍ନ ସାହୁ, ଗଣିତରେ ତପସ୍ୱୀନି ମାଝି, ଓଡ଼ିଆରେ ଶୁଭଶ୍ରୀ ପଟ୍ଟନାୟକ, ଦର୍ଶନ ବିଜ୍ଞାନରେ ଜୀନୁ ପ୍ରଧାନ, ସଂସ୍କୃତରେ ଦିବ୍ୟଲିପ୍ସା ସାମଲ, ସମାଜ ବିଜ୍ଞାନରେ କରିନା ପ୍ରିୟଦର୍ଶୀ ସାହୁ ଶ୍ରେଷ୍ଠ ହୋଇଛନ୍ତି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ. ନୀଳାଚଳ ପଟେଲ, ଉପଦେଷ୍ଟା କେ. ସି. ପାଢ଼ୀ ଓ ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ ସାହୁ, ଉପପରୀକ୍ଷା ନିୟନ୍ତ୍ରକ ଡ. ସ୍ମିତା ତପସ୍ୱିନୀ, ନୃସିଂହ ବେହେରା, ବନ୍ଦନା ପ୍ରିୟଦର୍ଶିନୀ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ।

## ପ୍ରଶାସନିକ ସେବା ଅଧିକାରୀ ହେବାକୁ ଲକ୍ଷ୍ୟ: ଆରିୟନ

ଅନୁଗୋଳ,୨୦।୬



ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ୩ ପରୀକ୍ଷାରେ ପଦାର୍ଥ ବିଜ୍ଞାନ ଛାତ୍ର ଆରୟନ ସଂକେତ ସାହୁ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସେ ମୋଟ ୨୬୦୦ ନମ୍ବରରୁ ୨୪୫୪ ରଖିଛନ୍ତି। ଏହି ସଫଳତା ସମ୍ପର୍କରେ ଆରୟନ କହିଛନ୍ତି, ଭବିଷ୍ୟତରେ ଜଣେ ପ୍ରଶାସନିକ ସେବା ଅଧିକାରୀ ହେବାକୁ ଇଚ୍ଛା ରହିଛି। ସେଥିପାଇଁ ଆଗକୁ ଆହୁରି ପ୍ରସ୍ତୁତି କରିବି। ଆଶା କରି ନ ଥିଲି ମହାବିଦ୍ୟାଳୟର ଟପ୍ପର ହେବି ବୋଲି। ରେଜଲ୍ଟ ଜାଣିବା ପରେ ବହୁତ ଖୁସି ହୋଇଥିଲି। ସଫଳର ଶ୍ରେୟ ଅଭିଭାବକ, କଲେଜ ଅଧକ୍ଷ ଓ ଅଧାପକଙ୍କୁ ଦେଉଛି।

## ପିଜି ରେଜଲ୍ଟ ୯୪.୮ ପ୍ରତିଶତ

ଅନୁଗୋଳ,୨୦।୬

ଅନୁଗୋଳ ମହାବିଦ୍ୟାଳୟରେ ପିଜି ପାସ୍ ହାର ୯୪.୮ ପ୍ରତିଶତ ହୋଇଛି। ୨୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୧୭ ଛାତ୍ରୀଛାତ୍ର ପାସ କରିଛନ୍ତି। ମାଷ୍ଟର ଇନ କମର୍ସରେ ୧୦୦ ପ୍ରତିଶତ ପାସ୍ ହେଇଥିବା ବେଳେ ମାଷ୍ଟର ଇନ ସାଇନ୍ସରେ ମଧ ଶତପ୍ରତିଶତ ପିଲା ପାସ କରିଛନ୍ତି। ମାଷ୍ଟର ଇନ କଳାରେ ୧୦୧ ଜଣ ପରୀକ୍ଷା ଦେଇଥିବା ବେଳେ ୯୪ଜଣ ପାସ କରିଛନ୍ତି।

## ସରକାରୀ ଜମିରୁ ମୋରମ ଚାଲାଣ ଅଭିଯୋଗ

ବଇଣ୍ଡା,୨୦।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସାପଘରା ପଞ୍ଚାୟତ ଖମାର ନିକଟରେ ଥିବା ସରକାରୀ ଜମି ଓ ପାହାଡ ଅଞ୍ଚଳରୁ କିଛିଦିନ ହେବ ବେଆଇନ ଭାବେ ମୋରମ ଚାଲାଣ କରାଯାଉଛି। ଖମାରଠାରୁ ବାତ୍ରାଖୋଲ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନୂତନ ରାସ୍ତାପାର୍ଶ୍ୱରେ ଥିବା ପାହାଡକୁ କାଟି ଶତାଧିକ ଟ୍ରିପ୍ ମୋରମ ଚାଲାଣ ହେଉଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଯାଇଛି। ଏ ନେଇ ସାପଘରା ପଞ୍ଚାୟତର କେତେଜଣ ସାମାଜିକ କର୍ମୀ ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ଏହି ଅଞ୍ଚଳରେ ଏବେ ପୂର୍ତ୍ତ ବିଭାଗ ପକ୍ଷରୁ କେତୋଟି ରାସ୍ତାକୁ ନୂତନ ଭାବେ ସମ୍ପ୍ରସାରଣ କରାଯାଉଛି। ହେଲେ ଏହି ରାସ୍ତା ଗୁଡିକରେ ଆବଶ୍ୟକ ପଡୁଥିବା ମୋରମ ପାଇଁ ଏବେ ପାହାଡ଼ ଉପରେ ଠିକାସଂସ୍ଥାମାନେ ଆଖି ପକାଇଛନ୍ତି। ବିଶେଷକରି ବେଆଇନ ଭାବେ କେତେଜଣ ଠିକାଦାର ରାଜସ୍ୱ ବିଭାଗଠାରୁ ଅନୁମତି ନ ଆଣି ପ୍ରତ୍ୟେକ ଦିନ ରାତିରେ ସରକାରୀ ଜମି ଏବଂ ପାହାଡରୁ ଜେସିବି ମେଶିନ ସାହାଯ୍ୟରେ ମୋରମ ନେଇ ରାସ୍ତାରେ ବ୍ୟବହାର କରୁଛନ୍ତି। ଏପରିକି ଏହି ଅଞ୍ଚଳରୁ ମୋରମ ହାଇୱା ମାଧ୍ୟମରେ ଅନୁଗୋଳ ବ୍ଲକର ବିଭିନ୍ନ ଅଞ୍ଚଳ ଅଭିମୁଖେ ଚାଲାଣ କରାଯାଉଛି। ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଠିକାଦାରମାନେ ଏଭଳି ବେଆଇନ କାମ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ କହିଛନ୍ତି, ତୁରନ୍ତ ପଦକ୍ଷେପ ନିଆଯିବ।



## ହନୁମାନ ମନ୍ଦିରରେ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା



ତାଳଚେର,୨୦।୬ (ମନୋଜ ନନ୍ଦ)

ଢେଙ୍କାନାଳର ନବ ନିର୍ବାଚିତ ଏମ୍‌ପି ରୁଦ୍ର ନାରାୟଣ ପାଣି ଗୁରୁବାର ତାଳଚେର ହାଟତୋଟା ହନୁମାନ ମନ୍ଦିରରେ ପହଞ୍ଚି ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଏମ୍‌ପିଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକଶିତ ଓଡ଼ିଶା ଓ ବିକଶିତ ତାଳଚେର ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେବା ନିମନ୍ତେ ଏମ୍‌ପି ଭାଜପା କର୍ମୀମାନଙ୍କୁ କହିଥିଲେ। ଏହାପରେ ଏମ୍‌ପି ପାଣି ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ବୈଠକରେ ଯୋଗଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ସରପଞ୍ଚ ସହଦେବ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ରଜେନ୍ଦ୍ର ସିଂହ, ବରୁଣ ସାହୁ, ସତ୍ୟବନ୍ତ ସାହୁ, ଗୋପାଳ ସାହୁ, ଚୈତନ୍ୟ ପ୍ରଧାନ, ଯସ୍ମିନ ପ୍ରଧାନ, ପେସ୍କାର ଗଡନାୟକ, ବିରଞ୍ଚି ପାଣି, ବୁଲୁ ମିଶ୍ର, ଉଚ୍ଛନ୍ନ ପଟ୍ଟନାୟକ, ଅଖିଳ ସାମଲ, ଦୟାସାଗର ମିଶ୍ର, ଦୀପକ ଥମ୍ବ, ସଂକଳ୍ପ ସାହୁ, ପ୍ରଶାନ୍ତ ଦାସ, ଜିତେନ୍ଦ୍ର ଦାସ, ବିରଞ୍ଚି ସାହୁ, ନିରଞ୍ଜନ ପ୍ରଧାନ, ସୁନୀଲ ବିଶ୍ୱାଳ, କାଉନସିଲର ସ୍ୱାଧୀନ ଥମ୍ବ, ଅନିତା ବିଶ୍ୱାଳ ଓ ସନ୍ତୋଷ ବେହେରା, ଗୀତିଶ ପ୍ରଧାନଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ

ଅନୁଗୋଳ,୨୦।୬

ଅନୁଗୋଳ ଜିଲା ନାଲ୍‌କୋ ଥାନା ସିପିପି ଛକଠାରେ ଏକ ୧୦ ଚକିଆ କେନ୍ଦୁପତ୍ର ଭର୍ତ୍ତି ଟ୍ରକ୍‌କୁ ବନ ବିଭାଗ ଜବତ କରିଛି। ସୂଚନା ଅନୁସାରେ, ଏକ ୧୦ ଚକିଆ ଟ୍ରକ୍‌ରେ କେନ୍ଦୁପତ୍ର ବୋଝେଇ ହୋଇ ଆଠମଲ୍ଲିକ ଅଞ୍ଚଳରୁ କଟକ ଅଭିମୁଖେ ଯାଉଥିବାବେଳେ ଏକ ବିଶେଷ ସୂତ୍ରରୁ ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ମିଳିଥିଲା। ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ରେଞ୍ଜର ହରମୋହନ ନାୟକ ଓ ଏକ ଟିମ୍ ସିପିପି ଠାରେ ଉକ୍ତ ଟ୍ରକ୍ (ନଂ. ଡବ୍ଲୁବି୨୩ ସି- ୦୭୮୩)କୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ବେଆଇନ ଭାବେ କେନ୍ଦୁପତ୍ର ବୋଝେଇ ହୋଇ ଯାଉଥିବା ଜଣାପଡ଼ିବା ପରେ ଟ୍ରକ୍‌କୁ ଜବତ କରାଯାଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହେଇଥିବା ଜଣାପଡିଛି। ଉକ୍ତ ଗାଡ଼ିରେ ପ୍ରାୟ ୧୦ ଲକ୍ଷ ଟଙ୍କାର କେନ୍ଦୁପତ୍ର ଯାଉଥିବା ରେଞ୍ଜର କହିଛନ୍ତି।

## ବିଦ୍ୟାମନ୍ଦିର ପରିଦର୍ଶନ କଲେ ନାଲ୍‌କୋ ସ୍ୱାଧୀନ ନିର୍ଦ୍ଦେଶକ



ବିଦ୍ୟାମନ୍ଦିର ପରିଦର୍ଶନ ଅବସରରେ ନାଲ୍‌କୋ ସ୍ୱାଧୀନ ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ।

ଅନୁଗୋଳ,୨୦।୪/ ବଆଁରପାଳ, (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋର ସ୍ୱାଧୀନ ନିର୍ଦ୍ଦେଶକ ଡ. ଶତରୂପା ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଡ. ଶତରୂପା ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଡ. ଶତରୂପା ବିଦ୍ୟାଳୟର ସ୍ମାର୍ଟ କ୍ଲାସକୁ ଯାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାୱାର ପଏଣ୍ଟ ମାଧ୍ୟମରେ ଶିକ୍ଷାଦାନ ଏବଂ ସ୍ମାର୍ଟ କ୍ଲାସର ବିଷୟଗୁଡ଼ିକ ଦେଖି ଉଚ୍ଚ ପ୍ରଶଂସା କରିଥିଲେ। ଧର୍ମ, ସଂସ୍କୃତି, ନୀତି ଓ ପରମ୍ପରାକୁ ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ସ୍ଥାନ ଦିଆଯାଇଥିବାରୁ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ବିଦ୍ୟାଳୟ ତରଫରୁ ଅଧକ୍ଷ ଡ. ଶତ୍ରୁଘ୍ନ ବେହେରା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଡ. ଶତରୂପାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ବିଦ୍ୟାଳୟ ଉପାଧକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୋଗର ତ୍ୱରିତ ସମାଧାନ ପ୍ରତିଶ୍ରୁତି ଦେଲେ ଯନ୍ତ୍ରୀ

ଅନୁଗୋଳ,୨୦।୬

ଅନୁଗୋଳସ୍ଥିତ ରାଣୀଗୋଡ଼ା ଗ୍ରାମରେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଅଭିଯୋଗର ଦୀର୍ଘସମୟ ପରେ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିବାରୁ ତାଙ୍କୁ ଅଟକ ରଖାଯାଇଥିଲା। ସୂଚନା ଅନୁସାରେ, ରାଣୀଗୋଡ଼ାରେ ଥିବା ଟ୍ରାନ୍ସଫର୍ମର ଫିଉଜ ମଧ୍ୟାହ୍ନ ୧୨ଟାରେ କଟିଯାଇଥିଲା। ଗାଁ ଲୋକେ ଟୋଲ ଫ୍ରି ନମ୍ବରରେ କଲ୍ କରି ଏ ନେଇ ଅଭିଯୋଗ କରିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ବିଭାଗର କୌଣସି କର୍ମଚାରୀ ଆସି ନ ଥିଲେ। ବିଳମ୍ବ ହେବାରୁ ଗାଁ ଲୋକ ବାରମ୍ବାର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିବା ପରେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ସେଫ୍ଟି ଅଧିକାରୀ ନ ଥିବା ଓ ଗୋଟିଏ ଗାଡ଼ି ଥିବାରୁ ପହଞ୍ଚିବାରେ ବିଳମ୍ବ ହୋଇଥିବା ସଫେଇ ଦେଇଥିଲେ। ହେଲେ ଉତ୍ତ୍ୟକ୍ତ ଲୋକମାନେ ତାଙ୍କୁ ଅଟକ ରଖିଥିଲେ। କିଛି ସମୟ ପରେ ଲୋକମାନଙ୍କୁ ବୁଝାଶୁଝା କରି ଆଗକୁ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ଯନ୍ତ୍ରୀ କହିବାରୁ ଲୋକେ ତାଙ୍କୁ ଛାଡ଼ି ଦେଇଥିଲେ।



## ସଚେତନତା ଦିବସରେ ଶୋଭାଯାତ୍ରା




ବଇଣ୍ଡା,୨୦।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଆନନ୍ଦମୁଣ୍ଡା ଗ୍ରାମରେ ବୁଧବାର ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ସିକିଲସେଲ ସଚେତନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୱାର୍ଡମେମ୍ବର ଲିଲି ପ୍ରଧାନ, ଅନ୍ୟତମ ଅତିଥି ଭାବେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ସୁପରଭାଇଜର ନାରାୟଣ ଦେହୁରି, ସରୋଜ ସାହୁ, ଅନିଲ ସାମଲଙ୍କ ସହ ଆଶା, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।ଏହି ଅବସରରେ ଗ୍ରାମରେ ଏକ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଥିଲା। ଏଥିସହ ଗ୍ରାମ କୋଠ ଘରେ ସଭା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ପକ୍ଷରୁ ଆସିଥିବା କାର୍ଡ ଗୁଡିକ ବଣ୍ଟନ କରାଯାଇଥିଲା। ଏଥିରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବଆଁରପାଳ, ୨୦।୬(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ନଗର ଜଗନ୍ନାଥ ମନ୍ଦିରର ୩୩ତମ ପ୍ରତିଷ୍ଠା ଉତ୍ସବ ପାଳନ ହେଉଛି। ଗତ ବୁଧବାର ଅଧିବାସ କାର୍ଯ୍ୟ ଶେଷ ହୋଇଥିବା ବେଳେ ଗୁରୁବାର ନାମ ସଂକୀର୍ତ୍ତନ ଓ ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି। ୧୫ଟି ସଂକୀର୍ତ୍ତନ ଦଳ ଯୋଗଦେଇ ହରିନାମ ପରିବେଷଣ କରୁଛନ୍ତି। ବଇଣ୍ଡା, ଆଠଗଡ, କାଙ୍ଗୁଲା, ବନ୍ଧା, ଝଜିରି, ଅମାନ୍ତପୁର, ବଳରାମ ପ୍ରସାଦ, କାଣ୍ଡସର, ନାଲ୍‌କୋ ନଗରର ସଂକୀର୍ତ୍ତନ ଦଳ ଏଥିରେ ସାମିଲ ହୋଇଛନ୍ତି। ମୁଖ୍ୟ ପୂଜକ ବାବାଜୀ କୀର୍ତ୍ତନ ଦାସ ପୂଜା କାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ଆଶିଷ କୁମାର ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ଅମିୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହେଉଛି। ଶୁକ୍ରବାର କଲୋନୀ ପରିସର ରେ ନଗରକୀର୍ତ୍ତନ ଅନୁଷ୍ଠିତ ହେବ। ଶନିବାର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ସ୍ନାନ ମଣ୍ଡପରେ ପୂର୍ବାହ୍ନ ୧୦ଟା ୩୦ରେ ୩ ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।



## ନୋଏଣ୍ଟ୍ରି ପାଇଁ ଥାନାଧିକାରୀଙ୍କୁ ଦାବିପତ୍ର




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବିଭିନ୍ନ ସଂଘର କର୍ମକର୍ତ୍ତାମାନେ।

ଛେଣ୍ଡିପଦା,୨୦।୬(ଅଜିତ ଧଳ)

ଛେଣ୍ଡିପଦା ସଦର ମହକୁମା ଦେଇ ଭାରିଯାନ ଚଳାଚଳ ସମସ୍ୟାକୁ ନେଇ ନୋଏଣ୍ଟ୍ରି ଲାଗୁ କରିବାକୁ ବିଭିନ୍ନ ସଂଘ ପକ୍ଷରୁ ଗୁରୁବାର ଛେଣ୍ଡିପଦା ଥାନା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଛେଣ୍ଡିପଦାରେ ଭାରିଯାନ ଚଳାଚଳକୁ ନେଇ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଏ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ନୋଏଣ୍ଟ୍ରି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଛେଣ୍ଡିପଦା ସଦର ମହକୁମା ଦେଇ ଯାଇଥିବା ୧୪୯ ବି ଜାତୀୟ ରାଜପଥ ଓ ୬୩ ନଂ. ରାଜ୍ୟ ରାଜପଥରେ ବାରମ୍ବାର ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳିଛି। ବାରମ୍ବାର ଦୁର୍ଘଟଣାରେ ଧନ ଜୀବନ କ୍ଷୟକ୍ଷତି ହେଉଥିବାବେଳେ ପ୍ରଶାସନ ନୀରବତାକୁ ନେଇ ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ ନନ୍ଦ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ନୋ ଏଣ୍ଟ୍ରି ଲାଗୁ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଯଦି ଭାରିଯାନ ଚଳାଚଳ ବନ୍ଦ ନ ହୁଏ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସାରିବା ଉପରେ ଗୁରୁତ୍ୱ

ତାଳଚେର, ୨୦।୬(ମନୋଜ ନନ୍ଦ)

ତାଳଚେରରେ ପ୍ରସିଦ୍ଧ ରଥଯାତ୍ରା ପାଳନ ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଳଚେର ରଥଯାତ୍ରା କମିଟିର ଅଧକ୍ଷ ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଚଳିତ ରଥଯାତ୍ରା କିପରି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେଥିନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟ ମହାରଣା ସନାତନ ମହାରଣା ଓ ଭାଗୀରଥି ମହାରଣାଙ୍କ ପରାମର୍ଶ କ୍ରମେ କାଠ ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ତ୍ରିପାଠୀ ପ୍ରକାଶ କରିଥିଲେ। ସେହିପରି ବିଦ୍ୟୁତ୍ ସରବରାହ, ପାନୀୟ ଜଳ, ରାସ୍ତା, ଆଲୋକ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଡ୍ରେନ ଓ ସ୍ୱଚ୍ଛତା ପାଇଁ ତାଳଚେର ପୌର ପରିଷଦକୁ କୁହାଯାଇଥିଲା।



ତାଳଚେର ରଥଯାତ୍ରା ପାଳନ ପାଇଁ ପ୍ରସ୍ତୁତି ବୈଠକ

ଶାନ୍ତିଶୃଙ୍ଖଳା ପାଇଁ କର୍ଡନ ବ୍ୟବସ୍ଥା କରାଯିବ ବୋଲି ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ପ୍ରକାଶ କରିଥିଲେ। ରଥଯାତ୍ରାର ସମସ୍ତ ବ୍ୟବସ୍ଥା ପାଇଁ ନଗରପାଳ ପବିତ୍ର ଭୂତିଆଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ଅନୁଧ୍ୟାନ କରି ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପାର୍କିଂ, ମ୍ୟପମାନଙ୍କୁ ସାବାଡ଼ କରିବା ପାଇଁ ତାଳଚେର ସଦର ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ଆନୁଷଙ୍ଗିକ ଅର୍ଥ ବ୍ୟବସ୍ଥା ପାଇଁ ରଥ କମିଟି ସଭାପତି ବଦାନ୍ୟ ଶିଳ୍ପ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରିବେ ବୋଲିସ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଡ. ରୋଜାଲିନ ବେହେରା, ତାଳଚେର ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ବିଡିଓ ଚିନ୍ମୟୀ ଚେତନା ଦାସ, ତାଳଚେର ରାଜକୁମାର ବିଜେୟନ୍ଦ୍ର ଚନ୍ଦ୍ର ଦେବ, ଦେବତ୍ତର ବିଭାଗ ମୁଖ୍ୟ ପଙ୍କଜ ଲୋଚନ ପତି, ତାଳଚେର ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ, ଟ୍ରକ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ, ପୂର୍ବତନ ନଗରପାଳ କେଶବ ଭୂତିଆ, ସଞ୍ଜୀବ ପଟ୍ଟନାୟକ, ବରିଷ୍ଠ ଓକିଲ ପେସ୍କାର ଗଡନାୟକ, ସାମାଜିକ କର୍ମୀ ଦୀପକ ଥମ୍ବ, ଜଙ୍ଗଲ ବିଭାଗର ସୁକାନ୍ତି ଦେଇ, ପୌରପାଳିକା ମୁଖ୍ୟ ସହାୟକ ଚିତ୍ତରଞ୍ଜନ ପ୍ରଧାନଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

**ବାଇକ୍ ଜବତ, ଜଣେ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ମଦ୍ୟପାନ କରି ବାଇକ୍ ଚଳାଇବା ଅଭିଯୋଗରେ ରେଢ଼ାଖୋଲ ଥାନା ଅଞ୍ଚଳର ସଞ୍ଜୀବ ବେହେରାଙ୍କୁ ହଣ୍ଡପା ପୋଲିସ ବୁଧବାର ଗିରଫ କରିଛି। ଏଥିସହ ତାଙ୍କ ବାଇକ୍ ଜବତ କରିଛି। ସେ ମଦ୍ୟପାନ କରି ବାଇକ୍ ଚଳାଉଥିବାବେଳେ ପୋଲିସ ଲୁହାମୁଣ୍ଡାଠାରେ ତାଙ୍କୁ ଯାଞ୍ଚ କରି ଗିରଫ କରିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ଢେଙ୍କାନାଳ କଲେଜ ପିଜି ପରୀକ୍ଷାଫଳ ପ୍ରକାଶ

ଢେଙ୍କାନାଳ,୨୦।୬(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ମହାବିଦ୍ୟାଳୟର ରିଡିଂ ରୁମରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଡ. ଚିତ୍ତରଞ୍ଜନ ସାହୁ ଯୋଗଦେଇ ପରୀକ୍ଷା ଫଳ ପ୍ରକାଶନ କରିଥିଲେ। ଚଳିତବର୍ଷ ମହାବିଦ୍ୟାଳୟର ୧୦ଟି ପିଜି ବିଭାଗରେ ମୋଟ ୧୭୭ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧୫୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୧ଜଣଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ। ୧୦ଜଣ ଫେଲ୍ ହୋଇଛନ୍ତି। ଚଳିତବର୍ଷ ମୋଟ୍ ପାସ୍ ହାର ୮୮.୧୩ ପ୍ରତିଶତ ହୋଇଛି। ଗଣିତ ବିଭାଗ ପିଜି ଛାତ୍ରୀ ସୁପ୍ରିୟା ସାହୁ ସର୍ବାଧିକ ୯୧.୭୫ ପ୍ରତିଶତ ନମ୍ବର ରଖି ଓ-ଗ୍ରେଡ୍ ପାଇଛନ୍ତି। ସେହିପରି ପଦାର୍ଥ ବିଜ୍ଞାନ ଛାତ୍ର ସୁବାସ ଚନ୍ଦ୍ର ପଣ୍ଡା ୮୯.୯୫ ପ୍ରତିଶତ ରଖି ଓ-ଗ୍ରେଡ୍ ପାଇ ଟପ୍ପର ହୋଇଛନ୍ତି। ଚଳିତବର୍ଷ କଲେଜର ୧୦ ବିଭାଗ ପିଜି ମଧ୍ୟରୁ ଉଦ୍ଭିଦ ବିଜ୍ଞାନ ବିଭାଗରେ ୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩ଜଣଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବାବେଳେ ଜଣେ ଫେଲ ହୋଇଥିଲେ। ଏହି ବିଭାଗର ପାସ୍ ହାର ୮୭.୦୯୬ ପ୍ରତିଶତ। ସେହିପରି ରସାୟନ ବିଭାଗ ପିଜିରେ ୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୧୫ଜଣ ଯାକ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ଗଣିତ ବିଭାଗରେ ୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗ ପିଜିରେ ୧୫ଜଣ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୧୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ଜଣ ଫେଲ ହୋଇଛନ୍ତି। ଜଣଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ। ପାସହାର ୮୦ ପ୍ରତିଶତ ରହିଛି। ଅର୍ଥନୀତି ବିଜ୍ଞାନ ବିଭାଗରେ ୧୪ଜଣ ପରୀକ୍ଷା ଦେଇଥିବାବେଳେ ୧୨ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ଜଣ ଫେଲ ହୋଇଛନ୍ତି। ଏହାର ପାସହାର ୮୫.୭୧ ପ୍ରତିଶତ ରହିଛି। ଇଂରାଜୀ ବିଭାଗରେ ୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୯ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ। ଏହି ବିଭାଗର ପାସହାର ୯୦ ପ୍ରତିଶତ ହୋଇଛି। ଇତିହାସ ବିଭାଗ ପିଜିରେ ୨୯ଜଣ ପରୀକ୍ଷା ଦେଇଥିବାବେଳେ ୨୩ଜଣ ପ୍ରଥମ ଶ୍ରେଣୀ ଅଧିକାର କରିଛନ୍ତି। ୩ଜଣଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବା ବେଳେ ୩ଜଣ ଫେଲ ହୋଇଛନ୍ତି। ଓଡ଼ିଆ ବିଭାଗରେ ୧୬ଜଣ ପରୀକ୍ଷା ଦେଇଥିଲା ବେଳେ ୧୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣଙ୍କ ପରୀକ୍ଷାଫଳ ପ୍ରକାଶିତ ହୋଇନାହିଁ। ଏହି ବିଭାଗର ପାସହାର ୯୩.୭୫ ପ୍ରତିଶତ ରହିଛି। ମନସ୍ତତ୍ତ୍ୱ ବିଭାଗର ୩ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨ଜଣ ଫେଲ ହୋଇଛନ୍ତି। ଏହି ବିଭାଗର ପାସହାର ୩୩.୩୩ ପ୍ରତିଶତ। ସେହିପରି ବାଣିଜ୍ୟ ବିଭାଗରେ ୨୮ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ଜଣଙ୍କ ପରୀକ୍ଷାଫଳ ପ୍ରକାଶିତ ହୋଇନାହିଁ। ଉଦ୍ଭିଦ ବିଜ୍ଞାନରେ ଛାତ୍ରୀ ମୀନାକ୍ଷୀ ଅଗ୍ରୱାଲ ୮୪.୬୦ ପ୍ରତିଶତ ନମ୍ବର ରଖି ଇ-ଗ୍ରେଡ୍ ପାଇ ଟପ୍ପର ହୋଇଥିବାବେଳେ ରସାୟନ ବିଭାଗର ଛାତ୍ର ଦୁର୍ଯ୍ୟୋଧନ ସାହୁ ୮୭.୧୫ ପ୍ରତିଶତ ନମ୍ବର ରଖି ଇ-ଗ୍ରେଡ୍ ସହ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ସତ୍ୟପ୍ରକାଶ ଜେନା ୮୧.୨୦ ପ୍ରତିଶତ ନମ୍ବର ରଖି ଇ-ଗ୍ରେଡ୍ ସହ ଟପ୍ପର ହୋଇଥିବାବେଳେ ଅର୍ଥନୀତି ବିଭାଗର ଶୁଭଶ୍ରୀ ଶୁଭସ୍ମିତା ମହାନ୍ତି ୭୪.୮୦ ପ୍ରତିଶତ ନମ୍ବର ରଖି ଏ-ଗ୍ରେଡ୍ ସହ ଟପ୍ପର ହୋଇଛନ୍ତି। ଇଂରାଜୀ ବିଭାଗରେ ଲକ୍ଷ୍ମୀପ୍ରିୟା ସାହୁ ୭୫.୨୦ ପ୍ରତିଶତ ନମ୍ବର ରଖି ଏ-ଗ୍ରେଡ ସହ ଟପ୍ପର ହୋଇଛନ୍ତି। ଇତିହାସରେ ରାଧାରାଣୀ ବେହେରା ୭୮.୩୦ ପ୍ରତିଶତ ସହ ଏ-ଗ୍ରେଡ୍ ପାଇ ଟପ୍ପର ହୋଇଛନ୍ତି । ଗଣିତ ବିଭାଗର ସୁପ୍ରିୟା ସାହୁ ୯୧.୭୫ ପ୍ରତିଶତ ନମ୍ବର ରଖି ଓ-ଗ୍ରେଡ୍ ସହ ଟପ୍ପର ହୋଇଛନ୍ତି। ଓଡ଼ିଆରେ ବିକାଶ ପ୍ରଧାନ ୮୨.୩୫ ପ୍ରତିଶତ ନମ୍ବର ରଖି ଇ-ଗ୍ରେଡ ସହ ଟପ୍ପର ହୋଇଛନ୍ତି। ପଦାର୍ଥ ବିଭାଗରେ ସୁବାସ ଚନ୍ଦ୍ର ପଣ୍ଡା ୮୯.୮୫ ପ୍ରତିଶତ ନମ୍ବର ସହ ଓ-ଗ୍ରେଡ୍ ପାଇ ଟପ୍ପର ହୋଇଛନ୍ତି। ମନସ୍ତତ୍ତ୍ୱ ବିଭାଗର ସୁପ୍ରିୟା ସାହୁ ୭୪.୧୦ ପ୍ରତିଶତ ନମ୍ବର ସହ ଏ-ଗ୍ରେଡ୍ ପାଇ ଟପ୍ପର ହୋଇଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜୀବ କୁମାର ମହାପାତ୍ର, ଉପ ନିୟନ୍ତ୍ରକ ଡ. ଶିବାନନ୍ଦ ସାହୁ ଓ ଡ. ଦିଲୀପ କୁମାର ମଲ୍ଲିକ, ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ବିତ୍ତୀୟ ଅଧିକାରୀ ଡ. ଦେବରାଜ ପରିଡା ଏବଂ ସମସ୍ତ ପିଜି ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶନ ଅବସରରେ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମେତ ୧୦ ବିଭାଗର ଟପ୍ପର ଛାତ୍ରୀଛାତ୍ର।

- ■ପାସ୍ ହାର ୮୮.୧୩ ପ୍ରତିଶତ
- ■୧୦ ବିଭାଗରୁ ୬ ବିଭାଗରେ ଛାତ୍ରୀମାନେ ଟପ୍ପର
- ■ସୁପ୍ରିୟା ଓ ସୁବାସ ବିଭାଗୀୟ ଟପ୍ପର

## ହିନ୍ଦୋଳରେ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସାତମାଇଲ,୨୦।୬(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ଡାକବଙ୍ଗଳା ପରିସରରେ ଗୁରୁବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନଗରମଣ୍ଡଳ ସଭାପତି ସନ୍ତୋଷ ବେହେରାଙ୍କ ପୌରୋହିତ୍ୟ ଏବଂ ପ୍ରଚାର କମିଟି ଅଧ୍ୟକ୍ଷ ଅଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋବିନ୍ଦ ବେହେରା, ସୋଭାଗିନୀ ପ୍ରଧାନ, ସ୍ୱର୍ଣ୍ଣଲତା ମହାପାତ୍ର ଓ ଉର୍ମିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ଶରତ ଭୂତିଆ, ତୃପ୍ତି ବେହେରା, ପ୍ରତିମା ନାଏକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଏମ୍‌ପିଙ୍କୁ ପାଛୋଟି ଆଣିବା ପରେ ବରିଷ୍ଠ କାର୍ଯ୍ୟକର୍ତ୍ତା ତରୁଣ ସାମଲ, ରମେଶ ମିଶ୍ର, ପରମାନନ୍ଦ ସାହୁ, ଶେଷଦେବ ସାହୁ, ଆଲୋକ ପାଳ ପ୍ରମୁଖଙ୍କ ନେତୃତ୍ୱରେ ଏନ୍‌ଏସିର ବହୁ କାର୍ଯ୍ୟକର୍ତ୍ତା ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପରେ ହିନ୍ଦୋଳ ବ୍ଲକ ହାତୁରା ମଣ୍ଡଳ ସଭାପତି ମନୋଜ ପଟ୍ଟନାୟକ, ବାବନ୍ଧ ମଣ୍ଡଳ ସଭାପତି ଅଶୋକ ରାଉତ, ପାରିକୂଳ ମଣ୍ଡଳ ସଭାପତି ଜୀବନ ମିଶ୍ର ଏବଂ ରାସୋଳ ମଣ୍ଡଳ ସଭାପତି ମନୋରଞ୍ଜନ ନାଥ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଏମ୍‌ପି ରୁଦ୍ରନାରାୟଣଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦୁଷ୍ମନ୍ତ ମିଶ୍ର, ସୁଶାନ୍ତ ସାମଲ, ସୁମନ୍ତ ଦେହୁରୀ, ସରୋଜ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲୋକଙ୍କ ମୌଳିକ ସମସ୍ୟା ଦୂର କରିବା ସହ ହିନ୍ଦୋଳର ପ୍ରଗତି ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଏମ୍‌ପି ପ୍ରକାଶ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବା ସମସ୍ତଙ୍କ ଦାୟିତ୍ୱ ବୋଲି ଏମ୍‌ପି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।



## ଶିକାର ପାଇଁ ପ୍ରସ୍ତୁତ ବୋମା ଜବତ, ୩ ଗିରଫ

ଢେଙ୍କାନାଳ,୨୦।୬(ରତନ ନାୟାର)

ଢେଙ୍କାନାଳ ଜିଲା ବନବିଭାଗ ପକ୍ଷରୁ ସଦର ରେଞ୍ଜ୍‌ର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯିବା ପରେ ଏକ ସ୍ଥାନରୁ ବନ୍ୟପ୍ରାଣୀ ଚିକିତ୍ସା ପାଇଁ ପ୍ରସ୍ତୁତ ହୋଇଥିବା ୩ରୁ ୪ସେମି ସାଇଜ୍ ଥିବା କିଛି ବୋମା ଗୁରୁବାର ଜବତ କରାଯାଇଛି। ଏହି ଘଟଣାରେ ବନବିଭାଗ ପୋଲିସ ସହାୟତାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧପଡା ଗ୍ରାମର ଉତପନ ଦେହୁରୀ(୫୯), ସୋଗରପଶି ଗ୍ରାମର ବାଦଲ ନାଏକ(୨୪) ଓ ବିଭୂତି ନାଏକ(୫୦)। ଅଭିଯୁକ୍ତମାନେ ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ଏହି ବୋମା ଗୁଡିକରେ ଖାଦ୍ୟ, ମାଂସ ଆଦି ଲଗାଇ ବାରହା ଏବଂ ଅନ୍ୟପ୍ରାଣୀମାନଙ୍କୁ ଆକୃଷ୍ଟ କରି ସେମାନଙ୍କୁ ଶିକାର କରୁଥିଲେ। ଏହି ବୋମାଗୁଡିକ ବନ୍ୟପ୍ରାଣୀଙ୍କ ପାଇଁ ବିପଦଜନକ ହେଉଥିଲା। ବିଶେଷକରି ହାତୀ ଛୁଆମାନେ ଏହାର ସଂସ୍ପର୍ଶରେ ଆସି କେତେକ ଗୁରୁତର ହେଉଥିବାବେଳେ ମୃତ୍ୟୁବରଣ କରୁଥିବା ଦେଖାଯାଇଛି। କୌଣସିସୂତ୍ରରୁ ଖବର ପାଇବା ପରେ ଜିଲା ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ସହକାରୀ ବନ ସଂରକ୍ଷକ ସତ୍ୟନାରାୟଣ ସାହୁ ଓ ଶ୍ୟାମା ଭାରତୀ, ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ଏବଂ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଏବଂ ପୋଲିସ ସହଯୋଗରେ ବୋମାକୁ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଜଣାଇଛନ୍ତି।



## ୪୬ ବର୍ଷରେ ପାଦ ଥାପିଲା ସନ୍ଧ୍ୟାତାରା


ସନ୍ଧ୍ୟାତାରା ସାହିତ୍ୟ ସଂସଦ ୪୬ବର୍ଷ ପାଳନ ଉତ୍ସବ ଅବସରରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୨୦।୬(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ସନ୍ଧ୍ୟାତାରା ସାହିତ୍ୟ ସଂସଦ ୪୬ବର୍ଷରେ ପହଞ୍ଚିଛି। ଏହି ଉପଲକ୍ଷେ କାଠଗଡାସ୍ଥିତ ସନ୍ଧ୍ୟାତାରା ଭବନରେ ଗୁରୁବାର ସନ୍ଧ୍ୟା ସାଢେ ୫ଟାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଏହି ଉପଲକ୍ଷେ ୪୬ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରଥମ ଦୀପକୁ ଅନୁଷ୍ଠାନ ସଭାପତି ବିଶିଷ୍ଟ ଶିକ୍ଷାବିତ ଡ. ଭବାନୀ ଶଙ୍କର ମିଶ୍ର ପ୍ରଜ୍ୱଳନ କରିବା ପରେ ଅନ୍ୟ ଦୀପ ଗୁଡିକୁ ଅନୁଷ୍ଠାନର ସଦସ୍ୟ, କର୍ମକର୍ତ୍ତା, ଶୁଭେଚ୍ଛୁ, କବି ଓ ସାହିତ୍ୟିକମାନେ ପ୍ରଜ୍ୱଳନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶରତ ମିଶ୍ର ଭରଦ୍ୱାଜ ୪୬ ବର୍ଷ ଧରି ଅନୁଷ୍ଠାନର କାର୍ଯ୍ୟାବଳୀ ଏହିପରି ସମସ୍ତେ କିଭଳି ସଂଗଠିତ ଭାବେ ରହିଛନ୍ତି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପ୍ରତି ବିଶ୍ୱାସ ଓ ସହଯୋଗ ମନବୃତି ରଖିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ସଦସ୍ୟ ନୃସିଂହ ମହାପାତ୍ର, ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ଶିକ୍ଷାବିତ ଅଟଳ ବିହାରୀ ଦାଶ, କବି ନିଳନ ମିଶ୍ର ଓ ନିର୍ମଳା ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ନାଟ୍ୟକାର ଶତ୍ରୁଘ୍ନ ମାଟି, ସଙ୍ଗୀତ ନିର୍ଦ୍ଦେଶକ ଗଣେଶ ମିଶ୍ର, ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ଲେଖକ ସଂସଦ ପକ୍ଷରୁ ବସନ୍ତ ପଟ୍ଟନାୟକ, ଥିଙ୍କର୍ସ ଫୋରମର ସୌମେନ୍ଦୁ ଶତପଥୀ ଓ ପ୍ରକାଶଚନ୍ଦ୍ର ରାଉତ, କବି ଅଭୟ ସାହୁ, ନାଟ୍ୟକାର ଅରବିନ୍ଦ ସାହୁ, ଅନୁଷ୍ଠାନର କର୍ମକର୍ତ୍ତା ବିଭୂତି ଭୂଷଣ ବେହେରା, ମନୋରଞ୍ଜନ ସାହୁ, ଶୁଭଶ୍ରୀ ରାଉତ, ନିରାକାର ବେହେରା, ଗୀତାଞ୍ଜଳି ସାହୁ, ନିରଦାନନ୍ଦ ନନ୍ଦ, ଭ୍ରମରବର ହୋତା, ଭରତ ହାତୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ଅନୁଷ୍ଠାନର ସମୟାନୁବର୍ତ୍ତିତା, ସାହିତ୍ୟଭିତିକ ଗୁଣାତ୍ମକ ମାନର କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ପୁସ୍ତକମେଳା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ।

## ସାମାଜିକ କର୍ମୀଙ୍କ ବିୟୋଗ

ଢେଙ୍କାନାଳ,୨୦।୬(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୫ନଂ. ୱାର୍ଡସ୍ଥିତ ଅମଲାପଡା ଅଞ୍ଚଳରେ ରହୁଥିବା ସ୍ୱର୍ଗତ ମଦନ ରାଉତଙ୍କ ସ୍ତ୍ରୀ ରାଧାରାଣୀ ରାଉତ (୮୦)ଙ୍କ ନିଜସ୍ୱ ବାସଭବନରେ ଗୁରୁବାର ବିୟୋଗ ହୋଇଯାଇଛି। ସେ ଜଣେ ସମାଜସେବୀ ଓ ଧର୍ମପରାୟଣ ମହିଳା ଥିଲେ। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ରାଉତ, ପୁତ୍ର ପ୍ରଦୀପ ରାଉତ ଓ ଦିଲୀପ ରାଉତ ଉପସ୍ଥିତ ଥିଲେ। ଖବରପାଇ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ବରିଷ୍ଠ ଆଇନଜୀବୀ ଶିବସାଇ ମହାପାତ୍ର ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୁଞ୍ଜକାନ୍ତ ଶ୍ମଶାନଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବଡପୁଅ ତଥା ଜିଲା ବିଜେଡି ସମ୍ପାଦକ ଗଙ୍ଗାଧର ରାଉତ ମୁଖାଗ୍ନି ଦେଇଥିଲେ। ରାଧାରାଣୀଙ୍କ ବିୟୋଗରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ରାଧାରାଣୀ ରାଉତ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

କାମାକ୍ଷାନଗର,୨୦।୬(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବଡ଼ସୁଆଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ବିଶ୍ୱାଳ(ଟୁନାଭାଇ)ଙ୍କ ଗୁରୁବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ହଠାତ୍ ନିର୍ମଳ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ମହିଳାଙ୍କୁ ଛତୁଚାଷ ତାଲିମ

ଢେଙ୍କାନାଳ,୨୦।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଚନ୍ଦ୍ରଶେଖର ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଛତୁଚାଷ ତାଲିମ ଶିବିର ଗୁରୁବାର ଶୁଭାରମ୍ଭ ହୋଇଛି। ଏହା ୧୦ ଦିନ ଧରି ଚାଲିବ। ଏଥିରେ ୩୫ଜଣ ମହିଳାଙ୍କୁ ଅଂଶଗ୍ରହଣ କରିଛନ୍ତି। ଭାପୁର ୟୁକୋ ବ୍ୟାଙ୍କ ମ୍ୟାନେଜର ପ୍ରେମାନନ୍ଦ ସାହୁ, ୟୁକୋ ଆରସେଟି ନିର୍ଦ୍ଦେଶିକା ଶିବାନୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ତାଲିମ ନେଇ ବ୍ୟାଙ୍କରୁ ଋଣ ନେଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଅତିଥି ପରିଚୟ ଦେଇଥିଲେ। କାଦମ୍ବରୀ ମହାଖୁଡ, ପ୍ରଣବ ରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ଛତୁ ଚାଷ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳାମାନେ।

## ପିଏମ୍ କିଷାନ ଦିବସ କାର୍ଯ୍ୟକ୍ରମରୁ ବଞ୍ଚିତ ହେଲେ ଚାଷୀ


ବଞ୍ଚିତ ମହିଳା ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ଆସିଛନ୍ତି।

ଢେଙ୍କାନାଳ,୨୦।୬(ରତନ ନାୟାର)

ଢେଙ୍କାନାଳରେ ଗତ ମଙ୍ଗଳବାର ଅପରାହ୍ନ ୪ଟାରେ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲଠାରେ ଜିଲାସ୍ତରୀୟ ପିଏମ୍ କିଷାନ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କଙ୍କଡାହାଡ ଏବଂ ସଦର ମଣ୍ଡଳର ଚାଷୀମାନଙ୍କୁ କୃଷି ବିଭାଗ ପକ୍ଷରୁ ଡକାଯାଇ ନ ଥିବା ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୭ତମ କିସ୍ତି ପ୍ରଦାନ ସ୍ୱରୂପ ୯ କୋଟି ଚାଷୀଙ୍କୁ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ୨ହଜାର ଟଙ୍କା ଲେଖାଏ ମୋଟ୍ ୨୦ହଜାର କୋଟି ଟଙ୍କା ପ୍ରଦାନ କରିଥିବାବେଳେ ସରକାରଙ୍କ କୌଣସି ଯୋଜନାର ସୁବିଧା କଙ୍କଡାହାଡ ଓ ସଦର ମଣ୍ଡଳ ଅଞ୍ଚଳର ଚାଷୀମାନେ ପାଇପାରୁନାହାନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି କୃଷିଭିତ୍ତିକ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଅବଗତ କରାଯାଉ ନ ଥିବା ବେଳେ ସେମାନଙ୍କୁ ଡକା ଯାଉନାହିଁ। ସେହିପରି କୃଷି ବୈଠକ ଗୁଡିକରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ପାଇଁ କଙ୍କଡାହାଡ ସଦର ମଣ୍ଡଳର ମହିଳା ଚାଷୀ ଲିଲି ଲେଙ୍କା, ପ୍ରମିଳା ମହାରଣା, କୁନି ମହାରଣା, ରୁନୁ ଖିଲାର ଓ ପୁଷ୍ପଲତା ଦାସ ପ୍ରମୁଖ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ପାଢି କହିଛନ୍ତି, ଜିଲାରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଅଛନ୍ତି। ଜିଲାସ୍ତରୀୟ ପିଏମ୍ କିଶାନ ଦିବସ ପାଇଁ ୨୦୦ ଚାଷୀଙ୍କୁ ଡକାଯାଇଥିଲା। ସମସ୍ତଙ୍କୁ ଗୋଟିଏ ଜାଗାକୁ ଡାକିବା ସମ୍ଭବପର ହୋଇ ନ ଥିଲା।

